# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 23rd September - 2024

### News Editor : *Itishree Singh Rathaur*

************************************

## ମୁଖ୍ୟ ସମ୍ବାଦ

- ଭରତପୁର ଥାନା ଘଟଣାରେ ହସ୍ତକ୍ଷେପ କରିବାକୁ ମନା କଲେ ହାଇକୋର୍ଟ ।

— ଥାନାଗୁଡ଼ିକରେ ସି.ସି.ଟି.ଭି. ଓ ଅନ୍ୟ ସୁବିଧା ନେଇ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ।

- ଭୁବନେଶ୍ୱରରେ ଜନ ଅଭିଯୋଗର ଶୁଣାଣି କଲେ ମୁଖ୍ୟମନ୍ତ୍ରୀ ।

- ବିକଶିତ ଭାରତ ଗଠନପାଇଁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅଭିନବତା, ମହାମାରୀ ପ୍ରସ୍ତୁତି ଓ ପ୍ରଯୁକ୍ତିର ବିକାଶ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି, କହିଲେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ।

- ଏ.ଏସ୍.ଆଇ. ପକ୍ଷରୁ କୋଣାର୍କ ସୂର୍ଯ୍ୟମନ୍ଦିରରେ ଜି.ପି.ଆର୍. ସର୍ବେକ୍ଷଣ କାର୍ଯ୍ୟ ଆରମ୍ଭ ।

ଏବଂ

- ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟର ୧୬ଟି ଜିଲ୍ଲାରେ ବର୍ଷା ହେବା ନେଇ ସତର୍କ ସୂଚନା ଜାରି ।

*Cuttack/R*

## ହାଇକୋର୍ଟ - ଭରତପୁର ପୀଡ଼ିତା

ଭରତପୁର ଥାନା ଘଟଣାରେ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ହାଇକୋର୍ଟ ଏହି ମାମଲାରେ ହସ୍ତକ୍ଷେପ କରିବାକୁ ମନା କରିଛନ୍ତି । ଏହାସହ ଥାନାଗୁଡ଼ିକରେ ସି.ସି.ଟି.ଭି. ଓ ଅନ୍ୟାନ୍ୟ ସୁବିଧା ନେଇ ପଦକ୍ଷେପ ନେବାକୁ ପୁଲିସ୍ ବିଭାଗକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ହାଇକୋର୍ଟ ଥାନା ଆସୁଥିବା ଲୋକଙ୍କ ପ୍ରତି ହେଉଥିବା ବ୍ୟବହାରର ତଦାରଖପାଇଁ ଆମିକସ୍ କ୍ୟୁରୀ ନିଯୁକ୍ତ କରିଛନ୍ତି । ସେହିଭଳି ଘଟଣାରେ ପୀଡ଼ିତଙ୍କ ନାଁ ଗଣମାଧ୍ୟମରେ ପ୍ରକାଶ କରିବା ଉପରେ ହାଇକୋର୍ଟ ରୋକ ଲଗାଇବାକୁ ନିର୍ଦ୍ଦେଶ ଜାରି କରିଛନ୍ତି ।

ସୂଚନାଯୋଗ୍ୟ, ଏହି ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ ଗତକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଥିଲେ । ଆଜି ଏନେଇ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ତଦନ୍ତ କରାଯିବ ବୋଲି ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

*Desk*

## ମୁଖ୍ୟମନ୍ତ୍ରୀ - ଜନ ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱର ୟୁନିଟ୍ ୫ ସ୍ଥିତ ସରକାରୀ ବାସଭବନରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରବିନାରାୟଣ ନାୟକ, ସମ୍ପଦ ସ୍ୱାଇଁ ଓ ଗୋକୁଳାନନ୍ଦ ମଲ୍ଲିକଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଲୋକମାନଙ୍କ ଅଭିଯୋଗ ଶୁଣୁଛନ୍ତି। ଅନଲାଇନ୍‌ରେ ପଞ୍ଜୀକରଣ କରିଥିବା ୧ ହଜାର ଜଣ ଅଭିଯୋଗକାରୀ ଆଜି ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ଅନୁମତି ମିଳିଥିଲା। ତେବେ ଯେଉଁମାନେ ପଞ୍ଜୀକରଣ ନକରି ଅଭିଯୋଗ କରିବାକୁ ଆସିଥିଲେ, ସେମାନଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ପରବର୍ତ୍ତୀ ସପ୍ତାହରେ ହେବାକୁ ଥିବା ଶୁଣାଣିରେ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ନିଜ ଅଭିଯୋଗ ଦାଖଲ କରିପାରିବେ ବୋଲି ଜଣାପଡ଼ିଛି ।

*IPR*

## ଆୟୁଷ୍ମାନ ଭାରତ

ବିକଶିତ ଭାରତ ଗଠନ ପାଇଁ ୨୦୪୭ ମସିହା ସୁଦ୍ଧା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅଭିନବତା, ମହାମାରୀ ପାଇଁ ପ୍ରସ୍ତୁତି ଏବଂ ସ୍ୱଦେଶୀ ଚିକିତ୍ସା

କ୍ଷେତ୍ରରେ ପ୍ରଯୁକ୍ତିର ବିକାଶ ଲାଗି ପରିବର୍ତ୍ତନମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା କହିଛନ୍ତି । ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ସ୍ୱାସ୍ଥ୍ୟ ଗବେଷଣା ବିଭାଗର ୧୦୦ ଦିନିଆ କାର୍ଯ୍ୟର ସଫଳ ରୂପାୟନ ସମ୍ପର୍କରେ ଘୋଷଣା କରି ସେ କହିଛନ୍ତି, ମେଡ୍ ଟେକ୍ ମିତ୍ର ମାଧ୍ୟମରେ ୨୫୦ରୁ ଅଧିକ ଉଦ୍ଭାବକ, ଷ୍ଟାର୍ଟଅପ୍ କମ୍ପାନୀ ନିୟୋଜିତ ହୋଇଛନ୍ତି । ସେହିଭଳି ମହାମାରୀର ପ୍ରସ୍ତୁତି ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି । ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ "ଏକ ସ୍ୱାସ୍ଥ୍ୟ ଆଭିମୁଖ୍ୟ" ସହ ବିଭିନ୍ନ କାର୍ଯ୍ୟକଳାପ ହାତକୁ ନିଆଯାଇଛି । ସେହିଭଳି ବିରଳ ରୋଗପାଇଁ ସ୍ୱଦେଶୀ ଔଷଧର ବିକାଶ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ବୋଲି ଶ୍ରୀ ନଡ୍ଡା କହିଛନ୍ତି ।

ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ୬ ବର୍ଷ ପୂର୍ତ୍ତି ଅବସରରେ ଶ୍ରୀ ନଡ୍ଡା କହିଛନ୍ତି, କୌଣସି ଦେଶର ସ୍ୱାସ୍ଥ୍ୟ ହିଁ ସମୃଦ୍ଧିର ମୂଳଦୁଆ । ସୁସ୍ଥ ଜନତା ଦେଶର ବିକାଶ ଓ ଉତ୍ପାଦନ କ୍ଷେତ୍ରରେ ଯୋଗଦାନ କରିବାରେ ସକ୍ଷମ ହୋଇଥାନ୍ତି । ୨୦୧୮ ସେପ୍ଟେମ୍ବରରେ ଆରମ୍ଭ ହୋଇଥିବା ଏହି ଯୋଜନା ଆଜି ବିଶ୍ୱର ସବୁଠୁ ବଡ଼ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା ଭାବେ ପରିଗଣିତ ହୋଇଥିବା ସେ କହିଛନ୍ତି ।

*IPR*

## ବିକାଶ ମେଳା

ରାଜ୍ୟରେ ନୂଆ ସରକାରଙ୍କ ୧୦୦ ଦିନ ପୂର୍ତ୍ତି ଅବସରରେ ବାଲେଶ୍ୱର ଜିଲ୍ଲା ସଦର ମହକୁବାରେ ପ୍ରଗତିର ନୂତନ ସୂର୍ଯ୍ୟୋଦୟ ତଥା ବିକାଶ ମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ଖାଦ୍ୟଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ କହିଛନ୍ତି, ସରକାର ସମସ୍ତ ବର୍ଗର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଭିନ୍ନ ଯୋଜନା ଲାଗୁ କରିଛନ୍ତି । ଏହି ଅବସରରେ ଆୟୋଜିତ ବିକାଶ ମେଳାରେ ୨୫ଟି ଷ୍ଟଲ୍‌ରେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ପ୍ରଦର୍ଶିତ କରାଯାଇଛି ।

*HS*

## ସୁରଭି

ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆଜି ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସ୍ଥିତ ଗୋନା ଗାଁ'ର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆୟୋଜିତ ଶିଶୁ ମହୋତ୍ସବ "ସୁରଭି" କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ଏହି ଅବସରରେ ସେ ଛାତ୍ରଛାତ୍ରୀମାନଙ୍କୁ ଉଜ୍ଜ୍ୱଳ ଭବିଷ୍ୟତ ଗଠନପାଇଁ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି ।

*Desk*

## କୋଣାର୍କ - ଜି.ପି.ଆର୍. ସର୍ଭେ

କୋଣାର୍କ ସୂର୍ଯ୍ୟମନ୍ଦିର ଜି.ପି.ଆର୍. ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଥିବା ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା-ଏ.ଏସ୍.ଆଇ.ର ଅଧୀକ୍ଷକ ଡି.ଡି. ଗଡ଼ନାୟକ ସୂଚନା ଦେଇଛନ୍ତି । ସେ କହିଛନ୍ତି, ହାଇଦ୍ରାବାଦ ନ୍ୟାସନାଲ ଜିଓଫିଜିକାଲ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ଏହି ସର୍ଭେ କରୁଛି । ଏଥିରେ ରେଡ଼ିଓ ୱେଭ୍ ଜରିଆରେ ଭୂତଳର ୧୫ ମିଟର ପର୍ଯ୍ୟନ୍ତ ସ୍କାନିଂ ହେଉଛି । ଏହି ସମୟ ମଧ୍ୟରେ ମାଟିତଳେ ପ୍ରାଚୀନ ଐତିହ୍ୟର ସନ୍ଧାନ ମିଳିଲେ ତାହାର ପୁନରୁଦ୍ଧାର ହେବ ବୋଲି ଶ୍ରୀ ଗଡ଼ନାୟକ କହିଛନ୍ତି ।

*IPR*

## ସିପାହି ପଦବୀ

ଓଡ଼ିଶା ପୁଲିସ୍‌ର ବିଭିନ୍ନ ବାଟାଲିୟନ୍‌ରେ ଖାଲି ପଡ଼ିଥିବା ୧ ହଜାର ୩୬୦ ସିପାହି ପଦବୀ ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି । ସେହିଭଳି ଡି.ପି.ଓ. କ୍ୟାଡର୍‌ରେ ଖାଲି ଥିବା ୧୭୭ଟି କନିଷ୍ଠ କିରାଣି ପଦବୀ ନିମନ୍ତେ ମଧ୍ୟ ଆବେଦନ ଆରମ୍ଭ ହୋଇଛି । ଇଚ୍ଛୁକ ତଥା ଯୋଗ୍ୟ ପ୍ରାର୍ଥୀମାନେ ଓଡ଼ିଶା ପୁଲିସ୍‌ର ୱେବ୍‌ସାଇଟ୍ odishpolice.gov.inରେ ଆବେଦନ କରିପାରିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

*Boudh, Sonepur, Ganjam, Nayagarh/R*

# ଜନଶୁଣାଣି ଶିବିର

ବୌଦ୍ଧ ଜିଲ୍ଲା କଣ୍ଟାମାଲ ବ୍ଲକ ଖଲିଆପାଲି ପଂଚାୟତ କାର୍ଯ୍ୟାଳୟଠାରେ ଆଜି ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଏଥିରେ ୭୨ଟି ଅଭିଯୋଗର ତତ୍କାଳ ସମାଧାନ କରାଥିଲା । ଶିବିରରେ ସମୁଦାୟ ୧୨୯ଟି ଆପତ୍ତି ଅଭିଯୋଗ ଆସିଥିବାବେଳେ ସେଥିମଧ୍ୟରୁ ୧୧୭ଟି ବ୍ୟକ୍ତିଗତ ଓ ୧୨ଟି ସାମୁହିକ ମାମଲା ରହିଥିଲା ।

ସେହିଭଳି ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁରରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଏଥିପାଇଁ ୩୫ଟି ମାମଲା ପଞ୍ଜିକୃତ ହୋଇଥିଲା । ଅଭିଯୋଗଗୁଡ଼ିକର ନିର୍ଦ୍ଧାରିତ ସମୟ ମଧ୍ୟରେ ସମାଧାନ କରିବାପାଇଁ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ଗଞ୍ଜାମ ଜିଲ୍ଲାରେ ଆଜି ଅନୁଷ୍ଠିତ ଜନ ଅଭିଯୋଗ ଶୁଣାଣିରେ ମୋଟ ୬୧ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା । ଏହି ଶିବିରରେ ଆବେଦନଗୁଡ଼ିକର ଶୁଣାଣି କରି ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ନୟାଗଡ଼ ଜିଲା ଭାପୁର ବ୍ଲକରେ ଆଜି ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଯୁଗ୍ମ ଜନଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମୋଟ୍ ପଞ୍ଜିକୃତ ୧୩୫ଟି ମଧ୍ୟରୁ ୧୮ଟିର ତତ୍କାଳ ସମାଧାନ କରାଯାଇଥିଲା ।

*Bolangir/R*

# ଦାଦନ ଉଦ୍ଧାର କାର୍ଯ୍ୟକ୍ରମ

ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଦାଦନ ଶ୍ରମିକଙ୍କ ଉଦ୍ଧାର ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସୂଚନା ଅନୁସାରେ ଜିଲ୍ଲାର ୫ଟି ବ୍ଲକ୍ ଦାଦନ ପ୍ରବଣ ଅଞ୍ଚଳ ହୋଇଥିବାବେଳେ ଏହାକୁ ରୋକିବା ପାଇଁ ସରକାର ପ୍ରୟାସ ଆରମ୍ଭ କରିଛନ୍ତି । ଏହି କ୍ରମରେ ବିଭିନ୍ନ ଅଞ୍ଚଳରେ ସଚେତନତା ସୃଷ୍ଟିପାଇଁ ନିଷ୍ପତ୍ତି ହୋଇଛି ।

*Sonepur/R*

# ନୂଆଖାଇ ଭେଟ୍‌ଘାଟ

ସୁବର୍ଣ୍ଣପୁରର ଟାଉନହଲ ପ୍ରେକ୍ଷାଳୟରେ ଏକ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ନୂଆଁଖାଇ ଭେଟଘାଟ - ୨୦୨୪ ଅନୁଷ୍ଠିତ ହୋଇଯାଇଛି । ଓଡିଶା ବିଧାନସଭାର ମୁଖ୍ୟ ସଚେତକ ସରୋଜ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁବର୍ଣ୍ଣପୁର ମାଟିର ଲୋକ ସଂସ୍କୃତି, ଲୋକଗୀତ ଓ ନୃତ୍ୟ ରାଜ୍ୟର ସାଂସ୍କୃତିକ ଅସ୍ମିତାକୁ ରୁଦ୍ଧିମନ୍ତ କରିଛି ବୋଲି କହିଛନ୍ତି । ଏହାସହ ହଜି ଯାଉଥିବା ଲୋକକଳାର ପୁନରୁଦ୍ଧାର ପାଇଁ ପ୍ରୟାସ ଆରମ୍ଭ ହୋଇଥିବା

ସେ ସୂଚନା ଦେଇଛନ୍ତି । ଏହି ଅବସରରେ ସାଂସ୍କୃତିକ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ଲୋକନୃତ୍ୟ ଓ ଗୀତ ପରିବେଷିତ ହୋଇଥିଲା ।

*Puri, Cuttack/R*

## ଶାରଦୀୟ ଷୋଳପୂଜା

ପୁରୀ ଶ୍ରୀମନ୍ଦିରରେ ଆସନ୍ତାକାଲିଠାରୁ ବିମଳା ମାଆଙ୍କ ଷୋଳପୂଜା ଆରମ୍ଭ ହେବ । ଏହି ଅବସରରେ ଦେବୀ ଦୁର୍ଗାଙ୍କ ଶହସ୍ର କୁମ୍ଭାଭିଷେକ ଓ ଦେବୀ ଉତ୍ଥାପନ ନୀତି ହେବ । ଏଥିନିମନ୍ତେ ଶ୍ରୀନଅରରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଶ୍ରୋତ୍ରୀୟ ବ୍ରାହ୍ମଣମାନଙ୍କୁ ବରଣ କରି ଦୁର୍ଗାପୂଜାର ଶୁଭାରମ୍ଭ କରିବେ । ୧୬ ଦିନ ଧରି ହେବାକୁଥିବା ଏହି ପୂଜା ପାଇଁ ରାଜଗୁରୁ ପୁରୋହିତମାନଙ୍କୁ ଗଜପତି ମହାରାଜାଙ୍କ ଶ୍ରୀହସ୍ତ ଛୁଆଁ ଗୁଆ ଓ ନଡିଆ ପ୍ରଦାନ କରି ଆଚାର୍ଯ୍ୟ ବରଣ କରିବେ। ଏହି ଆଚାର୍ଯ୍ୟ ମାନେ ଆସନ୍ତାକାଲିଠାରୁ ଷୋଳପୂଜାର ବିଧି ଅନୁଯାୟୀ ପୁରୀରେ ଥିବା ଶକ୍ତିପୀଠ ଗୁଡ଼ିକରେ ଚଣ୍ଡୀପାଠ, ଦୁର୍ଗା ଆରାଧନା ନୀତି କରିବେ। ଏହି କ୍ରମରେ ଆସନ୍ତା ମାସ ୯ ତାରିଖ ବୁଧବାର ଦିନ ମାଆ ବିମଳାଙ୍କ ପୀଠରେ ମହାସପ୍ତମୀ, ୧୦ତାରିଖ ଗୁରୁବାରଦିନ ମହାଅଷ୍ଟମୀ ଏବଂ ୧୧ ତାରିଖ ଶୁକ୍ରବାର ଦିନ ମହାନବମୀ ପୂଜା ଅନୁଷ୍ଠିତ ହେବ । ୧୨ ତାରିଖରେ ମାଆଙ୍କ ବିଶ୍ରାମ ପୂଜା ହୋଇ ୧୩ ତାରିଖ ରବିବାର ଠାକୁରାଣୀଙ୍କ ଦଶହରା ପୂଜା ସଂପନ୍ନ ହେବ ବୋଲି ଜଣାପଡ଼ିଛି ।

ସେହିଭଳି ଆସନ୍ତାକାଲିଠାରୁ ମା' କଟକଚଣ୍ଡୀଙ୍କର ମଧ୍ୟ ଷୋଡ଼ଶ ଉପଚାର ପୂଜା ଆରମ୍ଭ ହେବ । ମୂଳାଷ୍ଟମୀ, ଘଟସ୍ଥାପନ ସହ ଏହି ପୂଜା ଆରମ୍ଭ ହେବ । ଆସନ୍ତା ବୁଧବାର ମା'ଙ୍କ ସୁନାବେଶ ଅନୁଷ୍ଠିତ ହେବ ।

***Gajapati/R***

## ଯକ୍ଷ୍ମା ପ୍ରତିଷେଧକ

ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଆଜି ପ୍ରାପ୍ତ ବୟସ୍କ ବ୍ୟକ୍ତିଙ୍କ ନିମନ୍ତେ ଯକ୍ଷ୍ମା ପ୍ରତିଷେଧକ ବି.ସି.ଜି. ଟୀକାକରଣର ଶୁଭାରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି, ୬୦ ବର୍ଷରୁ ଉର୍ଦ୍ଧ୍ୱ ବୟସର ସମସ୍ତ ବ୍ୟକ୍ତି ଏହି ଟିକା ନେଇପାରିବେ । ଜିଲ୍ଲାରେ ମୋଟ ୭୦ ହଜାର ୭୯୧ ଜଣ ବୟସ୍କ ବ୍ୟକ୍ତି ବି.ସି.ଜି. ଟୀକାକରଣ ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ଜଣାପଡ଼ିଛି ।

*Desk*

# ପାଣିପାଗ

ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ଏହାର ପ୍ରଭାବରେ ଆଜି ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ସମ୍ଭାବ୍ୟ ଲଘୁଚାପ ପ୍ରଭାବରେ ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ପାଇବ । ଆଗାମୀ ୨୪ ଘଣ୍ଟା ମଧ୍ୟରେ ୧୬ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି ।

*****